# ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି, ଜିଲ୍ଲା-ସମ୍ବଲପୁର

ସଂରକ୍ଷଣ ବିମୋଚନ (De-Reservation) ମୋକଦ୍ଦମା ନଂ. ୦୪/୨୦୨୬

## ସର୍ବସାଧାରଣ ଘୋଷଣା

ନୋଟିସ ନଂ. ୪୬୦ ତାରିଖ: ୦୪.୦୩.୨୦୨୬

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଲୁଧାପାଲି ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଭୂ-ଅଧିକାରୀ, ଇଡକୋ, ଭୁବନେଶ୍ୱର , ଶିଳ୍ପ ପ୍ରତିଷ୍ଠା ଏବଂ ସଂବନ୍ଧ ଗତିବିଧିର ସ୍ଥାପନା ସକାଶେ ଲ୍ୟାଣ୍ଡ ବ୍ୟାଙ୍କ ନିମନ୍ତେ ଲିଜ ପାଇଁ ଅତ୍ର କାର୍ଯ୍ୟାଳୟରେ ଦରଖାସ୍ତ ଦାଖଲ କରିଛନ୍ତି ଓ ତତ ଅନୁସାରେ ପଦକ୍ଷେପ ନିଆଯିବ । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ "ରକ୍ଷିତ" ଖାତାରେ କିସମ "ବସ୍ତି, ମେଳାଡିହ ଓ ନାଳ " ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ସଂରକ୍ଷଣ ବିମୋଚନ ତଥା କିସମ ପରିବର୍ତ୍ତନ ର ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ରସ୍ତାବିତ ରକବା | କିସମ |
|---|---|---|---|---|
| ଲୁଧାପାଲି | ୨୪୯ (ରକ୍ଷିତ) | ୨୫୯ | ୦.୧୯ | ବସ୍ତି |
| | | ୨୬୨ | ୦.୧୦ | ବସ୍ତି |
| | | ୨୯୭ | ୦.୧୧ | ମେଳା ଡିହ |
| | | ୨୬୩/୧୩୮୪ | ୦.୦୨ | ମେଳା ଡିହ |
| | | ୨୫୮ | ୦.୨୫ | ନାଳ |
| ମୋଟ | ୧ ଖାତା | ୫ ପ୍ଲଟ | ୦.୬୭ | |

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି ,ସମ୍ବଲପୁର

ଜ୍ଞାପକ ସଂଖ୍ୟା ୪୬୧ ତା: ୦୪.୦୩.୨୦୨୬

ଏହାର ଏକ କିତା ନକଲ ସମ୍ବଲପୁର ଉନ୍ନୟନ କର୍ତୃପକ୍ଷ, ସମ୍ବଲପୁର/ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ରାଜସ୍ୱ ନିରୀକ୍ଷକ କତରବଗାଙ୍କ କାର୍ଯ୍ୟାଳୟ / ଗ୍ରାମ ପଞ୍ଚାୟତ କତରବଗା ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯ୍ୟାନୁଷ୍ଠାନ ଏବଂ , ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣା କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାର କୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି ,ସମ୍ବଲପୁର